# ପ୍ରଶ୍ନାବଳୀ - ୧

**୧ । ବାକ୍ୟ କାହାକୁ କୁହାଯାଏ ? ଉଦାହରଣ ସହ ଦର୍ଶାଅ ।**

**ଉ :** ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କଲେ ତାହାକୁ ବାକ୍ୟ କୁହାଯାଏ । ଉଦାହରଣ– ମହାତ୍ମା ଗାନ୍ଧି ସର୍ବଦା ସତ୍ୟ କହୁଥିଲେ । ଏଠାରେ 'ମହାତ୍ମା ଗାନ୍ଧୀ' 'ସର୍ବଦା' 'ସତ୍ୟ' 'କହୁଥିଲେ' ଇତ୍ୟାଦି ପଦଗୁଡ଼ିକ ମିଳିତ ହୋଇ ପୂର୍ଣ୍ଣ ଭାବ ପ୍ରକାଶ ହୋଇଥିବାରୁ ଏହାକୁ ଗୋଟିଏ ସାର୍ଥକ ବାକ୍ୟ କୁହାଯିବ ।

**୨ । ସାର୍ଥକ ବାକ୍ୟର କି କି ଲକ୍ଷଣ ଥାଏ ?**

**ଉ :** ଗୋଟିଏ ସାର୍ଥକ ବାକ୍ୟର ତିନିଗୋଟି ଲକ୍ଷଣ ଥାଏ । ଯଥା- ଯୋଗ୍ୟତା, ଆକାଙ୍‌କ୍ଷା ଓ ଆସତ୍ତି ।

**୩ । ବାକ୍ୟର ଯୋଗ୍ୟତା କହିଲେ କ'ଣ ବୁଝାଏ ପ୍ରକାଶ କର ।**

**ଉ :** ବାକ୍ୟରେ ବ୍ୟବହାର କରାଯାଇଥିବା ପଦ୍ୟଗୁଡ଼ିକର ପାରସ୍ପରିକ ସମ୍ବନ୍ଧକୁ ଯୋଗ୍ୟତା କୁହାଯାଏ ।

ଯଥା – ବାଳକଟି ନିଆଁ ପିଉଛି । ଏହି ଉଦାହରଣରେ ବାଳକଟିର ନିଆଁ ପିଇବାର ଯୋଗ୍ୟତା ନାହିଁ କାରଣ ନିଆଁ ଗୋଟିଏ ପାନୀୟ ନୁହେଁ । କିନ୍ତୁ ବାଳକଟି ଖେଳୁଛି ।

ଏହା ଗୋଟିଏ ସାର୍ଥକ ବାକ୍ୟ । ଏହି ବାକ୍ୟର ଯୋଗ୍ୟତା ଅଛି ।

**୪ । ଆସତ୍ତି କ'ଣ ଉଦାହରଣ ସହ ଦର୍ଶାଅ ।**

**ଉ :** ବାକ୍ୟରେ ଥିବା ପଦ ଯୋଜନା ବା ସୌନ୍ଦର୍ଯ୍ୟ ହେଉଛି ଆସତ୍ତି । ଏହାଦ୍ୱାରା କାହା ପରେ କେଉଁ ପଦ ରହିଲେ ତାହା ବାକ୍ୟର ଭାବକୁ ସ୍ପଷ୍ଟଭାବରେ ପ୍ରକାଶ କରିବ ତାହା ବୁଝାଏ । ଆସତ୍ତିକୁ ମଧ୍ୟ ପଦ ବିନ୍ୟାସ କୁହାଯାଏ ।

ଯଥା – ରାବଣକୁ ସୀତାଙ୍କୁ ରାମ ଲଙ୍କାରୁ କଲେ ଉଦ୍ଧାର ମାରି । ଉପରୋକ୍ତ ଉଦାହରଣରେ କର୍ତ୍ତା ଓ କ୍ରିୟା ଥିଲେ ମଧ୍ୟ ଏହା ମନୋଭାବ ପ୍ରକାଶ କରିପାରୁ ନାହିଁ । କାରଣ ପଦଗୁଡ଼ିକ ଯଥାର୍ଥ ଭାବରେ ସଜାଇ ଲେଖାଯାଇନାହିଁ, ପଦଗୁଡ଼ିକ ଉପଯୁକ୍ତ ସ୍ଥାନରେ ସଜାଇ ଲେଖିଲେ ଏହା ଗୋଟିଏ ସୁନ୍ଦର ବାକ୍ୟ ହୋଇପାରିବ । ଯଥା– ରାମ ରାବଣକୁ ମାରି ଲଙ୍କାରୁ ସୀତାଙ୍କୁ ଉଦ୍ଧାର କଲେ ।

**୫ । ଆକାଂକ୍ଷା କହିଲେ କ'ଣ ବୁଝ ?**

**ଉ :** ବାକ୍ୟରେ ଥିବା ଗୋଟିଏ ପଦ ଅନ୍ୟ ପଦଗୁଡ଼ିକର ଅର୍ଥ ବୋଧକତା ପାଇଁ ଅପେକ୍ଷା କଲେ ତାହାକୁ ଆକାଙ୍‌କ୍ଷା କୁହାଯାଏ ।

**୬ । ବାକ୍ୟାଂଶ କାହାକୁ କୁହାଯିବ ଦୃଷ୍ଟାନ୍ତ ଦେଇ ବୁଝାଅ ।**

**ଉ :** ବାକ୍ୟର ବୁଝାପଡୁଥିବା ନିର୍ଦ୍ଦିଷ୍ଟ ଅଂଶକୁ ବା ନିର୍ଦ୍ଦିଷ୍ଟ କେତୋଟି ପଦ ସଂହତିକୁ ବାକ୍ୟାଂଶ କୁହାଯାଏ ।

ଯଥା – ପିଲାଟିର କଥାଶୁଣି ଶିକ୍ଷକ .........

ଏହି ବାକ୍ୟଟି ପୂର୍ଣ୍ଣ ବାକ୍ୟ ନୁହେଁ । ଏହାକୁ ପୂର୍ଣ୍ଣ କରିବା ନିମିତ୍ତ ଆଉ କେତୋଟି ପଦର ଆବଶ୍ୟକତା ରହିଛି ।

ଯଥା – ପିଲାଟିର କଥା ଶୁଣି ଶିକ୍ଷକ ଆନନ୍ଦିତ ହେଲେ ....... ।

ମୂଳ ବାକ୍ୟ ସହିତ ରେଖାଙ୍କିତ ପଦଗୁଡ଼ିକ ଯୋଗ କରାଯିବାରୁ ବାକ୍ୟଟି ପୂର୍ଣ୍ଣ ହେଲା । ତେଣୁ ପ୍ରଥମେ ଦିଆଯାଇଥିବା ବାକ୍ୟର ଅଂଶଟି ପୂର୍ଣ୍ଣବାକ୍ୟର ଗୋଟିଏ ଅଂଶ । ତେଣୁ ଏହାକୁ ବାକ୍ୟାଂଶ କୁହାଯାଏ ।

**୭ । ଖଣ୍ଡବାକ୍ୟ କାହାକୁ କୁହାଯାଏ ?**

**ଉ :** ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ ଖଣ୍ଡବାକ୍ୟ କୁହାଯାଏ । ଯଥା – ଯେଉଁମାନେ ମିଥ୍ୟା କୁହନ୍ତି ...... ଏହି ଉଦାହରଣଟିରେ କର୍ତ୍ତା ଓ କ୍ରିୟା ଥିଲେ ମଧ୍ୟ ଏହା ମନୋଭାବକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରୁନାହିଁ । ତେଣୁ ଏହିଭଳି ବାକ୍ୟକୁ ଖଣ୍ଡବାକ୍ୟ କୁହାଯାଏ ।

**୮ । ବାକ୍ୟ ଓ ଖଣ୍ଡବାକ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

**ଉ :** ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କଲେ ବାକ୍ୟ ହୁଏ; କିନ୍ତୁ ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ ଖଣ୍ଡବାକ୍ୟ କୁହାଯାଏ ।

**୯ । ବାକ୍ୟ ପାଇଁ ଆକାଙ୍‌କ୍ଷାର ଆବଶ୍ୟକତା କିପରି ଅଛି, ଉଦାହରଣ ସହ ଦର୍ଶାଅ ।**

**ଉ :** ବାକ୍ୟରେ ଥିବା ଗୋଟିଏ ପଦ ଅନ୍ୟପଦଗୁଡ଼ିକର ଅର୍ଥବୋଧକତା ପାଇଁ ଅପେକ୍ଷା କଲେ, ତାହାକୁ ଆକାଙ୍‌କ୍ଷା କୁହାଯାଏ । ବାକ୍ୟ ପାଇଁ ଆକାଙ୍‌କ୍ଷାର ବିଶେଷ ଆବଶ୍ୟକତା ରହିଛି, କାରଣ ଏହା ବାକ୍ୟର ପୂର୍ଣ୍ଣ ରୂପ ଆଣେ । ଯଥା –

ରାମ ରାବଣକୁ ........

ଏଠାରେ ବାକ୍ୟଟି ପୂର୍ଣ୍ଣ ନୁହେଁ । ଏହା ଅନ୍ୟ କିଛି କଥାକୁ ଅପେକ୍ଷା କରୁଛି । ଏହାର ପୂର୍ଣ୍ଣତା ନିମିତ୍ତ ନିମ୍ନୋକ୍ତ ଭାବେ ଏହାକୁ ଲେଖାଯାଇପାରେ । ଯଥା – ରାମ ରାବଣକୁ ବଧ କରିଥିଲେ ।

# ପ୍ରଶ୍ନାବଳୀ – ୨

**୧ । ସଂବୋଧନ ପଦ ବାକ୍ୟରେ କେଉଁଠି ବସେ, ଉଦାହରଣ ସହ ବୁଝାଅ ।**

ଉ: ସମ୍ବୋଧନ ପଦ ବାକ୍ୟରେ ଆରମ୍ଭରେ ବା ଶେଷରେ ବସିପାରେ ।

ଉଦାହରଣ –

(କ) ହେ ପ୍ରଭୁ ! ମୋତେ କୃପାକର ।

ଏଠାରେ ସମ୍ବୋଧନ ପଦ 'ହେ ପ୍ରଭୁ' – ବାକ୍ୟର ଆରମ୍ଭରେ ବସିଛି ।

(ଖ) ଦୟାକର ହେ କୃପାମୟ !

ଏଠାରେ ସମ୍ବୋଧନ ପଦ 'ହେ କୃପାମୟ' ବାକ୍ୟର ଶେଷରେ ବସିଛି ।

**୨ । ବାକ୍ୟରେ 'ନାହିଁ' ଓ 'ନ' କେଉଁଠାରେ ରହିବା ଉଚିତ୍ ?**

ଉ: ବାକ୍ୟରେ 'ନାହିଁ' କ୍ରିୟାପଦ ପରେ ଓ 'ନ' କ୍ରିୟାପଦ ପୂର୍ବରୁ ରହିବା ଉଚିତ୍ ।

**୩ । ବାକ୍ୟରେ ସମାପିକା କ୍ରିୟା କେଉଁଠାରେ ବସାଯାଏ ଉଦାହରଣ ସହ ଲେଖ ।**

ଉ: ବାକ୍ୟରେ ସମାପିକା କ୍ରିୟା ବାକ୍ୟର ଶେଷରେ ବସିଯାଏ ।

ଉଦାହରଣ – ମାଙ୍କଡ଼ଟି ଗଛକୁ ଚଢ଼ିଗଲା ।

ଏଠାରେ ସମାପିକା କ୍ରିୟା 'ଚଢ଼ିଗଲା' ବାକ୍ୟର ଶେଷରେ ବସିଛି ।

**୪ । ସମ୍ବନ୍ଧ ପଦ ବାକ୍ୟରେ କେଉଁଠି ରଖାଯାଏ ?**

ଉ: ବାକ୍ୟରେ ସମ୍ବନ୍ଧପଦ ସମ୍ବନ୍ଧିତ ପଦ ପୂର୍ବରୁ ରଖାଯାଏ ।

**୫ । ଗୁରୁତ୍ୱ ଥିବା ପଦ ବା ବାକ୍ୟାଂଶ ବାକ୍ୟର କେଉଁଠାରେ ରଖାଯାଏ ସଦୃଷ୍ଟାନ୍ତ ଲେଖ ।**

ଉ: ଗୁରୁତ୍ୱ ଥିବା ପଦ ବାକ୍ୟର ଶେଷରେ ଓ ବାକ୍ୟାଂଶ ବାକ୍ୟର ଆରମ୍ଭରେ ରଖାଯାଏ । ଯଥା–

(କ) ତୁମେ ସଫଳତା ପାଇବ କଠିନ ଶ୍ରମ ଦ୍ୱାରା ।

ଏଠାରେ 'କଠିନ ଶ୍ରମ ଦ୍ୱାରା' ଉପରେ ଗୁରୁତ୍ୱ ଆରୋପିତ ହୋଇଛି । ତେଣୁ ଏହା ବାକ୍ୟର ଶେଷରେ ବସିଛି ।

(ଖ) ତୁମର ଦାୟିତ୍ୱ ହେଉଛି, ପାଠ ପଢ଼ିବା ।

ଏଠାରେ 'ତୁମର ଦାୟିତ୍ୱ ହେଉଛି' ଉପରେ ଗୁରୁତ୍ୱ ଆରୋପିତ ହୋଇଛି ତେଣୁ ବାକ୍ୟାଂଶଟି ବାକ୍ୟର ଆରମ୍ଭରେ ରହିଛି ।

**୬ । ବିଶେଷଣ ପଦ ବାକ୍ୟରେ କେଉଁଠାରେ ବସିବା ଆବଶ୍ୟକ ଉଦାହରଣ ସହ ଲେଖ ।**

ଉ: ବିଶେଷଣ ପଦ ବାକ୍ୟରେ ବିଶେଷ୍ୟ ପଦ ପୂର୍ବରୁ ବସିବା ଆବଶ୍ୟକ ।

ଉଦାହରଣ : ଧାର୍ମିକ ଲୋକ ସତ୍ୟ କହନ୍ତି ।

ଏଠାରେ ବିଶେଷଣ ପଦ 'ଧାର୍ମିକ' ବିଶେଷ୍ୟ ପଦ 'ଲୋକ' ପୂର୍ବରୁ ବସିଛି ।

**୭ । ପଦାନ୍ୱୟୀ ଅବ୍ୟୟ କେଉଁଠାରେ ବ୍ୟବହୃତ ହୁଏ ?**

ଉ: ପଦାନ୍ୱୟୀ ଅବ୍ୟୟ ବାକ୍ୟରେ ସମ୍ବନ୍ଧିତ ପଦର ପରେ ବ୍ୟବହୃତ ହୁଏ ।

**୮ । ସମ୍ବନ୍ଧପଦ କେତେବେଳେ ବିଭକ୍ତିଯୁକ୍ତ ହୁଏ ?**

ଉ: ବାକ୍ୟରେ ବିଭିନ୍ନ ବ୍ୟକ୍ତିଙ୍କର ସମ୍ବନ୍ଧ ବୁଝାଇବାକୁ ହେଲେ ସମ୍ବନ୍ଧ ପଦ ବିଭକ୍ତି ଯୁକ୍ତ ହୁଏ ।

## ପ୍ରଶ୍ନାବଳୀ -୩

**୧ । ବାକ୍ୟର କେତୋଟି ରୂପ ଅଛି ?**

ଉ: ବାକ୍ୟର ଦୁଇଟି ରୂପ ଅଛି ।

**୨ । ଗଠନ ରୂପ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ?**

ଉ: ଗଠନ ରୂପ ଦୃଷ୍ଟିରୁ ବାକ୍ୟ ଚାରି ପ୍ରକାର ।

**୩ । ଅର୍ଥ ପ୍ରକାଶ ବା ଭାବ ପ୍ରକାଶ ଦୃଷ୍ଟିରୁ ବାକ୍ୟକୁ କେତୋଟି ଭାଗରେ ବିଭକ୍ତ କରାଯାଏ ?**

ଉ: ଅର୍ଥ ପ୍ରକାଶ ବା ଭାବ ପ୍ରକାଶ ଦୃଷ୍ଟିରୁ ବାକ୍ୟକୁ ପାଞ୍ଚଟି ଭାଗରେ ବିଭକ୍ତ କରାଯାଏ ।

**୪ । ସରଳ ବାକ୍ୟ କାହାକୁ କହନ୍ତି ଦୃଷ୍ଟାନ୍ତ ସହିତ ବୁଝାଅ ।**

ଉ: ଗୋଟିଏ ମାତ୍ର ସମାପିକା କ୍ରିୟାଥିବା ବାକ୍ୟକୁ ସରଳବାକ୍ୟ କୁହାଯାଏ । ଯଥା –
ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ପକ୍ଷରେ ଯୁଦ୍ଧ କଲେ ।
ଏଠାରେ ଯୁଦ୍ଧକଲେ ସମାପିକା କ୍ରିୟା । ତେଣୁ ଏହା ଗୋଟିଏ ସରଳବାକ୍ୟ ।

**୫ । ଜଟିଳ ବାକ୍ୟ କ'ଣ, ଉଦାହରଣ ଦେଇ ଦର୍ଶାଅ ।**

ଉ: ଦୁଇ ବା ତତୋଽଧିକ ପରସ୍ପର ସାପେକ୍ଷ ଖଣ୍ଡବାକ୍ୟର ସମନ୍ୱୟରେ ଜଟିଳ ବାକ୍ୟ ଗଠିତ ହୁଏ । ଯଥା - ଯେଉଁ ରାମଚନ୍ଦ୍ର ଶିବଧନୁ ଭାଙ୍ଗିଥିଲେ ସେ ସୀତାଙ୍କୁ ବିବାହ କରିଥିଲେ ।
ଏଠାରେ ଯେଉଁ ରାମଚନ୍ଦ୍ର ଶିବଧନୁ ଭାଙ୍ଗିଥିଲେ ଅପ୍ରଧାନ ବାକ୍ୟ ଏବଂ ସେ ସୀତାଙ୍କୁ ବିବାହ କରିଥିଲେ ପ୍ରଧାନ ବାକ୍ୟ । ଏହି ବାକ୍ୟ ଦୁଇଟି ପରସ୍ପର ନିର୍ଭରଶୀଳ ହୋଇ ପୂର୍ଣ୍ଣ ଅର୍ଥ ପ୍ରକାଶ କରୁଥିବାରୁ ଏହା ଜଟିଳ ବାକ୍ୟ ।

**୬ । ଯୌଗିକ ବାକ୍ୟ କହିଲେ କ'ଣ ବୁଝ, ଦୁଇଟି ଦୃଷ୍ଟାନ୍ତ ଦିଅ ।**

ଉ: ପରସ୍ପର ନିରପେକ୍ଷ ଦୁଇ ବା ତତୋଽଧିକ ସରଳ ବାକ୍ୟର ସମାହାର ଯୋଗେ ଗଠିତ ବାକ୍ୟକୁ ଯୌଗିକ ବାକ୍ୟ କୁହାଯାଏ । ଯଥା– ଚିତ୍ତ ଭଲକାମ କଲେ ଓ ସମସ୍ତଙ୍କ ସ୍ନେହଭାଜନ ହେଲେ ।

୭। ତୁମ ମନରୁ ଗୋଟିଏ ମିଶ୍ର ବାକ୍ୟ ଗଢ଼ି ଏହା କିପରି ମିଶ୍ରବାକ୍ୟ ହେଲା ପ୍ରମାଣ କର ।

ଉ: ମିଶ୍ର ବାକ୍ୟ : ରଶ୍ମି ସବୁବେଳେ କଠିନ ପରିଶ୍ରମ କରୁଥିଲେ । ଯେହେତୁ ସେ ଜଣେ ବୁଦ୍ଧିଆ ପିଲା ତେଣୁ ସେ ସଫଳତା ଲାଭ କଲେ । ସେ ସମସ୍ତଙ୍କୁ ସ୍ନେହ କରନ୍ତି ଓ ନିଜର କର୍ତ୍ତବ୍ୟକୁ ବଡ଼ ମନେ କରନ୍ତି ।

ଏହି ମିଶ୍ର ବାକ୍ୟରେ ତିନିଗୋଟି ବିଭିନ୍ନ ବାକ୍ୟର ମିଶ୍ରିତ ରୂପ ରହିଛି । ଯଥା –

(କ) ରଶ୍ମି ସବୁବେଳେ କଠିନ ପରିଶ୍ରମ କରୁଥିଲେ – ସରଳ ବାକ୍ୟ ।

(ଖ) ଯେହେତୁ ସେ ଜଣେ ବୁଦ୍ଧିଆ ପିଲା ତେଣୁ ସେ ସଫଳତା ଲାଭ କଲେ । – ଜଟିଳ ବାକ୍ୟ ।

(ଗ) ସେ ସମସ୍ତଙ୍କୁ ସ୍ନେହ କରନ୍ତି ଓ ନିଜର କର୍ତ୍ତବ୍ୟକୁ ବଡ଼ ମନେ କରନ୍ତି । – ଯୌଗିକ ବାକ୍ୟ ।

ଏଠାରେ ଗୋଟିଏ ସରଳ ବାକ୍ୟ, ଗୋଟିଏ ଜଟିଳ ବାକ୍ୟ ଓ ଗୋଟିଏ ଯୌଗିକ ବାକ୍ୟ ମିଶ୍ରିତ ହୋଇ ରହିଥିବାରୁ ଏହା ଗୋଟିଏ ମିଶ୍ର ବାକ୍ୟ ।

୮। ପ୍ରଧାନ ବାକ୍ୟ କାହାକୁ କହନ୍ତି ?

ଉ: ଜଟିଳ ବାକ୍ୟରେ ଥିବା ଯେଉଁ ଖଣ୍ଡବାକ୍ୟଟି ମୁଖ୍ୟ ବାକ୍ୟ ଅଟେ ତାହାକୁ ପ୍ରଧାନ ବାକ୍ୟ କହନ୍ତି ।

୯। ଅପ୍ରଧାନ ବାକ୍ୟ କହିଲେ କ'ଣ ବୁଝ ?

ଉ: ଜଟିଳ ବାକ୍ୟରେ ଥିବା ଯେଉଁ ଖଣ୍ଡ ବାକ୍ୟଟି ଗୌଣ ବାକ୍ୟ ଅଟେ ତାହାକୁ ଅପ୍ରଧାନ ବାକ୍ୟ କୁହାଯାଏ ।

୧୦। ତଳବାକ୍ୟଗୁଡ଼ିକୁ ପଢ଼ି କେଉଁଟି କି ପ୍ରକାର ବାକ୍ୟ ଦର୍ଶାଅ ।

ପ୍ରଦତ୍ତ ବାକ୍ୟ–

(କ) ତମେ କ'ଣ କାମକୁ ପାରିବ ?

(ଖ) ମଦନ ଦ୍ୱାରା ଗୀତ ଗାଇବା ସମ୍ଭବ ନୁହେଁ ।

(ଗ) ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ।

(ଘ) ନିଅ, ଏଇ ଚିଠିଟା ଡାକବାକ୍ସରେ ପକାଇ ଦିଅ ।

(ଙ) ମତେ ଟଙ୍କାଟିଏ ଦିଅ ବାବୁ ।

(ଚ) ଆଜି କି ଟାଣ ଖରା !

ଉ: (କ) ପ୍ରଶ୍ନସୂଚକ ବାକ୍ୟ (ଖ) ନାସ୍ତିସୂଚକ ବାକ୍ୟ (ଗ) ବିବୃତିସୂଚକ ବାକ୍ୟ (ଘ) ଆଦେଶସୂଚକ ବାକ୍ୟ (ଙ) ଅନୁରୋଧସୂଚକ ବାକ୍ୟ (ଚ) ବିସ୍ମୟସୂଚକ ବାକ୍ୟ ।

# ପ୍ରଶ୍ନାବଳୀ -୪

**୧ । ବାକ୍ୟ କହିଲେ କ'ଣ ବୁଝ ଲେଖ ।**

ଉ : ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କଲେ ତାହାକୁ ବାକ୍ୟ କୁହାଯାଏ ।

**୨ । ପ୍ରତ୍ୟେକରୁ ଗୋଟିଏ ଲେଖାଏଁ ବାକ୍ୟ ଲେଖ ।**

**(କ) ସରଳ ବାକ୍ୟ (ଖ) ଯୌଗିକ ବାକ୍ୟ (ଗ) ଜଟିଳ ବାକ୍ୟ (ଘ) ମିଶ୍ର ବାକ୍ୟ**

ଉ : (କ) ସରଳ ବାକ୍ୟ : ସେମାନେ ସମସ୍ତେ ଶ୍ରେଣୀକୁ ଗଲେ ।

(ଖ) ଯୌଗିକ ବାକ୍ୟ : ରାମ ରାବଣକୁ ମାରିଲେ ଓ ସୀତାଙ୍କୁ ଉଦ୍ଧାର କଲେ ।

(ଗ) ଜଟିଳ ବାକ୍ୟ : ଯେତେବେଳେ ତୁମେ ସତ କହିବ ସେତେବେଳେ ସଫଳତା ପାଇବ ।

(ଘ) ମିଶ୍ର ବାକ୍ୟ : ଲକ୍ଷ୍ମଣ ସୂର୍ପଣଖାର ନାକକାଟି ଦେଲେ । ସୂର୍ପଣଖା ରାବଣ ପାଖକୁ ଗଲା ଓ ନିଜର ଦୁଃଖ ଜଣାଇଲା । ଯେତେବେଳେ ରାବଣ ଜାଣିଲା ଯେ ରାମ ସବୁ ଅନର୍ଥର ମୂଳ ସେତେବେଳେ ସେ ପ୍ରତିଶୋଧ ନେବାକୁ ସ୍ଥିର କଲା ।

**୩ । ବାକ୍ୟାଂଶ କ'ଣ ଦର୍ଶାଅ ।**

ଉ : ବାକ୍ୟର ବୁଝା ପଡୁଥିବା ନିର୍ଦ୍ଦିଷ୍ଟ ଅଂଶକୁ ବା ନିର୍ଦ୍ଦିଷ୍ଟ କେତୋଟି ପଦ ସଂହତିକୁ ବାକ୍ୟାଂଶ କୁହାଯାଏ । ଯଥା –

କୃଷ୍ଣଙ୍କ କାନ୍ଦିବା ଶୁଣି .......

ଏହି ବାକ୍ୟଟି ସମ୍ପୂର୍ଣ୍ଣ ନୁହେଁ । ଏହାର ପୂର୍ଣ୍ଣତା ପାଇଁ ଆଉ କେତୋଟି ପଦର ଆବଶ୍ୟକତା ଅଛି । ଯଥା –

କୃଷ୍ଣଙ୍କ କାନ୍ଦିବା ଶୁଣି ଯଶୋଦା ଧାଇଁ ଆସିଲେ ।

ପୂର୍ବର ଅପୂର୍ଣ୍ଣ ବାକ୍ୟ ସହିତ ପରବର୍ତ୍ତି ରେଖାଙ୍କିତ ପଦଗୁଡ଼ିକ ସଂଯୁକ୍ତ କରାଯିବାରୁ ବାକ୍ୟଟି ପୂର୍ଣ୍ଣ ହେଲା । ପ୍ରଥମେ ଦିଆଯାଇଥିବା ଅଂଶ ପୂର୍ଣ୍ଣବାକ୍ୟର ଏକ ଅଂଶ । ତେଣୁ ଏହା ବାକ୍ୟାଂଶ ।

**୪ । ଗଠନ କଳା ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ଓ କ'ଣ କ'ଣ ?**

ଉ : ଗଠନ କଳା ଦୃଷ୍ଟିରୁ ବାକ୍ୟ ଚାରି ପ୍ରକାରର । ଯଥା – (କ) ସରଳ ବାକ୍ୟ (ଖ) ଯୌଗିକ ବାକ୍ୟ (ଗ) ଜଟିଳ ବାକ୍ୟ (ଘ) ମିଶ୍ର ବାକ୍ୟ ।

**୫ । ଅର୍ଥ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାରର ଓ କ'ଣ କ'ଣ ?**

ଉ : ଅର୍ଥ ଦୃଷ୍ଟିରୁ ବାକ୍ୟ ପାଞ୍ଚ ପ୍ରକାରର । ଯଥା – (କ) ବିବୃତିସୂଚକ ବାକ୍ୟ (ଖ) ଆଦେଶ/ଅନୁରୋଧସୂଚକ ବାକ୍ୟ (ଗ) ପ୍ରଶ୍ନସୂଚକ ବାକ୍ୟ (ଘ) ବିସ୍ମୟସୂଚକ ବାକ୍ୟ (ଙ) ନାସ୍ତିସୂଚକ ବାକ୍ୟ ।

**୬ । ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଦୃଷ୍ଟାନ୍ତ ଦିଅ ।**

**(କ) ବିବୃତିସୂଚକ ବାକ୍ୟ (ଖ) ନାସ୍ତିସୂଚକ ବାକ୍ୟ (ଗ) ବିସ୍ମୟସୂଚକ ବାକ୍ୟ (ଘ) ପ୍ରଶ୍ନସୂଚକ ବାକ୍ୟ**

ଉ : (କ) ବିବୃତିସୂଚକ ବାକ୍ୟ :

(୧) ହନୁମାନ ଜଣେ ରାମ ଭକ୍ତ ଥିଲେ ।

(୨) ସାବିତ୍ରୀ ନିଜର ଭକ୍ତିରେ ଯମ ରାଜାଙ୍କୁ ସନ୍ତୁଷ୍ଟ କରିଥିଲେ ।

(ଖ) ନାସ୍ତିସୂଚକ ବାକ୍ୟ :

(୧) ତୁମଦ୍ୱାରା ଏ କାମ ହେବ ନାହିଁ ।

(୨) ତୁମେ କାଲି କଟକ ଯାଇପାରିବ ନାହିଁ ।

(ଗ) ବିସ୍ମୟସୂଚକ ବାକ୍ୟ :

(୧) ଓଃ କି ଟାଣ ଖରା !

(୨) ବାଃ କି ସୁନ୍ଦର ଆମ୍ବ !

(ଘ) ପ୍ରଶ୍ନସୂଚକ ବାକ୍ୟ :

(୧) ସେମାନେ ଆଜି ଆସିବେ କି ?

(୨) ଗୁରୁଜନମାନଙ୍କୁ ନିନ୍ଦା କରାଯାଏ କି ?

**୭ । ପ୍ରଦତ୍ତ ବାକ୍ୟଗୁଡ଼ିକ ପଢ଼ ଓ କେଉଁଟି କି ପ୍ରକାର ବାକ୍ୟ ଦର୍ଶାଅ ।**

(କ) ଦାମ, ସୁଦାମ, ଗୋବିନ୍ଦ – ଏକାଠି ଖେଳନ୍ତି, ଏକାଠି ପଢ଼ନ୍ତି ଓ ଏକାଠି ରହନ୍ତି ।

(ଖ) ଓଃ କି ଶୀତ !

(ଗ) ତୁମେ ଓଲୁ ବୋଲି କ'ଣ ସମସ୍ତେ ଓଲୁ ?
(ଘ) ଆମ୍ଭ କ୍ଲିଷ୍ଟାଲ୍ କେତେ ?
(ଙ) ବିଜୟା ଭଲ ଗାଇପାରେ, ମାତ୍ର ଭଲ କହିପାରେ ନାହିଁ ।
(ଚ) ପ୍ରାଣକୃଷ୍ଣ ପରିଜା ଜଣେ ବିଖ୍ୟାତ ବୈଜ୍ଞାନିକ ଥିଲେ ।
(ଛ) ତମ ପିଲାଟା କେତେ ଦୁଷ୍ଟ !
(ଜ) ଚପଳା କହିଲା, 'ମୁଁ ଆଜି ଭୁବନେଶ୍ୱର ଯିବି' ।
(ଝ) ଆଜ୍ଞା, ମତେ ଦଶଟଙ୍କା ସାହାଯ୍ୟ କରନ୍ତୁ ।

**ଉ : (କ)** ଯୌଗିକ ବାକ୍ୟ **(ଖ)** ବିସ୍ମୟସୂଚକ ବାକ୍ୟ **(ଗ)** ପ୍ରଶ୍ନସୂଚକ ବାକ୍ୟ **(ଘ)** ପ୍ରଶ୍ନସୂଚକ ବାକ୍ୟ **(ଙ)** ନାସ୍ତିସୂଚକ ବାକ୍ୟ **(ଚ)** ବିବୃତି ସୂଚକ ବାକ୍ୟ **(ଛ)** ବିସ୍ମୟସୂଚକ ବାକ୍ୟ **(ଜ)** ବିବୃତିସୂଚକ ବାକ୍ୟ **(ଝ)** ଅନୁରୋଧସୂଚକ ବାକ୍ୟ

**୮ । ପ୍ରଦତ୍ତ ବାକ୍ୟଗୁଡ଼ିକ ନିର୍ଦ୍ଦେଶ ଅନୁଯାୟୀ ପରିବର୍ତ୍ତନ କର ।**

(କ) ତୁମେ ଘରେ ରହିଲେ ପାଠ ପଢ଼ିପାର ନାହିଁ । (ଯୌଗିକ ବାକ୍ୟ)
(ଖ) କାଠ ବ୍ୟବସାୟ କରୁଥିବା ଲୋକଟି ଅନ୍ୟ ଦେଶକୁ ପଳାଇଲା । (ସଂକ୍ଷେପରେ ଲେଖ)
(ଗ) ଯେଉଁମାନଙ୍କ ବାପା ମାଆ ନାହାନ୍ତି, ସେମାନଙ୍କର ବାରମ୍ବାର ବାପାମାଆଙ୍କ କଥା ମନେ ପଡ଼େ । (ସରଳ ବାକ୍ୟ)
(ଘ) ଆଜି ଖରା ଖୁବ୍ ଟାଣ । (ବିସ୍ମୟସୂଚକ ବାକ୍ୟ)
(ଙ) ତମ କଥା ରବିକୁ ଜଣା । (ନାସ୍ତିସୂଚକ)
(ଚ) ସୂର୍ଯ୍ୟ ଉଇଁଲେ ପଦ୍ମଫୁଟେ । (ଯୌଗିକ ବାକ୍ୟ)
(ଛ) ରମେଶ ଯିବା ପରେ ସଂଗ୍ରାମ ପଳେଇବ । (ଯୌଗିକ ବାକ୍ୟ)
(ଜ) ନାନୀ ଆସିବାରୁ ଘରସାରା ସମସ୍ତେ ଖୁସି । (ଜଟିଳ ବାକ୍ୟ)
(ଝ) ଗାନ୍ଧୀଙ୍କ କଥା ଦେଶରେ କାହାକୁ ଅଜଣା ? (ବିବୃତିସୂଚକ)
(ଞ) ବଟବାବୁଙ୍କ ଦ୍ୱାରା ଟଙ୍କା ଆଦାୟ ହେଉଥିଲା । (ବାଚ୍ୟ ପରିବର୍ତ୍ତନ କର)
(ଟ) ସ୍ମିତା କହିଲା, – 'ମୁଁ ନିଶ୍ଚୟ ପରୀକ୍ଷାରେ ପ୍ରଥମ ହେବି ।' (ଉକ୍ତି ପରିବର୍ତ୍ତନ କର)
(ଠ) ପାଠ ପ୍ରତି ସବୁବେଳେ ଉତ୍କଣ୍ଠା ରଖିବା ଭଲ । (ସଂକ୍ଷିପ୍ତ କର)
(ଡ) ତମେ ଭଲ ପଢ଼ିଲେ ଭଲ ଫଳ ପାଇବ । (ଯୌଗିକ ବାକ୍ୟ)
(ଢ଼) ପରିବାରରେ ଅଶାନ୍ତି ହେତୁ ମୋହନ କଟକ ଗଲା ନାହିଁ । (ଜଟିଳ ବାକ୍ୟ)

## ଉତ୍ତର

(କ) ତୁମେ ଘରେ ରୁହ ଅଥଚ ପାଠ ପଢ଼ି ପାରନାହିଁ ।
(ଖ) କାଠ ବ୍ୟବସାୟୀ ଦେଶାନ୍ତର ଗଲା ।
(ଗ) ବାପା ମାଆହୀନଙ୍କର ବାରମ୍ବାର ବାପା ମାଆଙ୍କ କଥା ମନେ ପଡ଼େ ।
(ଘ) ଓଃ ଆଜି କି ଟାଣ ଖରା !
(ଙ) ତମ କଥା ରବିକୁ ଅଜଣା ନୁହେଁ ।
(ଚ) ସୂର୍ଯ୍ୟ ଉଦୟ ହୁଅନ୍ତି ଓ ପଦ୍ମ ଫୁଟେ ।
(ଛ) ରମେଶ ଯିବ ଓ ପରେ ସଂଗ୍ରାମ ପଳେଇବ ।
(ଜ) ଯେମିତି ନାନୀ ଆସିଲା ସେମିତି ଘରସାରା ସମସ୍ତେ ଖୁସି ହେଲେ ।
(ଝ) ଗାନ୍ଧୀଙ୍କ କଥା ଦେଶରେ ସମସ୍ତେ ଜାଣନ୍ତି ।
(ଞ) ବଟବାବୁ ଟଙ୍କା ଆଦାୟ କରୁଥିଲେ ।
(ଟ) ସ୍ମିତା କହିଲା ଯେ ସେ ନିଶ୍ଚୟ ପରୀକ୍ଷାରେ ପ୍ରଥମ ହେବ ।
(ଠ) ପାଠ୍ୟୋତ୍କଣ୍ଠା ସର୍ବଦା ଭଲ ।
(ଡ) ତମେ ଭଲ ପଢିବ ଓ ଭଲ ଫଳ ପାଇବ ।
(ଢ) ଯେହେତୁ ପରିବାରରେ ଅଶାନ୍ତି ହେଲା ତେଣୁ ମୋହନ କଟକ ଗଲା ନାହିଁ ।